# ୨୧ ଦିନିଆ ଦଣ୍ଡନାଟ ଆରମ୍ଭ


ପୁରୁଷୋତ୍ତମପୁର


ଛତ୍ରପୁର


ବୁଗୁଡ଼ା

ଛତ୍ରପୁର/ପୁରୁଷୋତ୍ତମପୁର/ବୁଗୁଡ଼ା, ୨୭।୩ (ଦିଲୀପ ସାମଲ/ ସୀମାଞ୍ଚଳ ମିଶ୍ର/କାଳିପ୍ରସାଦ ଦାଶ):

ଗଞ୍ଜାମ ଜିଲାର ପ୍ରସିଦ୍ଧ ପର୍ବ ଦଣ୍ଡଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଯାତ୍ରାରେ ଶିବ ଓ କାଳୀଙ୍କୁ ପୂଜା କରାଯାଇଥାଏ। ଏହି ଯାତ୍ରା ଆସନ୍ତା ମେରୁ ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ। ଭୁକ୍ତାମାନେ ମା’ ଦଣ୍ଡକାଳୀ ଓ ଶିବଙ୍କୁ ସାଥିରେ ଧରି ଗାଁକୁ ଗାଁ, ଘରକୁ ଘର ବୁଲି ମାନସିକଧାରୀମାନଙ୍କ ଘର ସମ୍ମୁଖରେ ଯାତ୍ରା କରି ସେମାନଙ୍କ ମନସ୍କାମନା ପୂର୍ଣ୍ଣ କରିଥାନ୍ତି। ୨୧ ଦିନ ଧରି ପାଟ ଭୁକ୍ତାଙ୍କ ନିର୍ଦ୍ଦେଶ ଅନୁସାରେ ମା’ଙ୍କ ଯାତ୍ରା ପାଳନ ହୋଇଥାଏ। ସୋମବାରଠାରୁ ଛତ୍ରପୁର ସହର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଦଣ୍ଡକାଳୀ ମନ୍ଦିରରେ ମା’ଙ୍କ ଯାତ୍ରାର ଶୁଭାରମ୍ଭ ହୋଇଛି। ଛତ୍ରପୁର ବ୍ଲକର ଲଣ୍ଡାବାଉଁଶ, କୁମାରବେଗପଲ୍ଲୀ, ବିପୁଲିଙ୍ଗି ପ୍ରଭୃତି ଅଞ୍ଚଳରେ ଥିବା ପାରମ୍ପରିକ ଦଣ୍ଡଯାତ୍ରାର ଶୁଭାରମ୍ଭ ହୋଇଛି। ପ୍ରତ୍ୟୁଷରେ ୧୩ ଭୁକ୍ତାମାନେ ଗ୍ରାମ ପୋଖରୀକୁ ଯାଇ ସ୍ନାନାଦି କର୍ମ ସାରିବା ପରେ ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ସାରି ଗ୍ରାମ ପରିକ୍ରମା କରିବା ପରେ ଦଣ୍ଡକାଳୀ ମନ୍ଦିରକୁ ଫେରିଥିଲେ। ଦଣ୍ଡଯାତ୍ରା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରାଯାଇଥାଏ। ମାନସିକ ଦଣ୍ଡଯାତ୍ରା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଲଣ୍ଡାବାଉଁଶ ଗ୍ରାମରେ ୨୧ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ପର୍ଯ୍ୟାୟ କ୍ରମେ ଯାତ୍ରା ଆରମ୍ଭ ହେବ। ଛତ୍ରପୁର ସହରରେ ଶ୍ରଦ୍ଧାଳୁମାନେ ବହୁ ମାତ୍ରାରେ ବୁଲି ଧୂଳି ଦଣ୍ଡ ଏବଂ ସନ୍ଧ୍ୟା ଆଳତି ଦେଖିବାକୁ ଜନଗହଳି ହେଉଥିବା ଦେଖିବାକୁ ମିଳିଛି।

ସେହିପରି ଗଞ୍ଜାମ ଜିଲାର ପ୍ରସିଦ୍ଧ ମା ଦଣ୍ଡକାଳୀଙ୍କ ୨୧ଦିନିଆ ଦଣ୍ଡ ଯାତ୍ରା ସୋମବାର ଆରମ୍ଭ ହୋଇଛି। ଏଥିଲାଗି ପୁରୁଷୋତ୍ତମପୁର ସହରେ ଥିବା ତିନି ଗୋଟି ଦଣ୍ଡ ଯାତ୍ରା ଦଳ (ଧୋବା ପୁଞ୍ଜା, ବିପତ୍ତି ହାରିଣି ତେଲି ପୁଞ୍ଜା ଓ ଗୌଡ ପୁଞ୍ଜା)ରେ ଶହଶହ ସଂଖ୍ୟାରେ ମାନସିକଧାରୀମାନେ ଭୂକ୍ତା ଭାବରେ ସାମିଲ ହୋଇଛନ୍ତି। ଧୋବା ପୁଞ୍ଜାର ଅଧିକାରୀ ଭାବେ ଭାସ୍କର ବେହେରା, ବିପତ୍ତି ହାରିଣି ତେଲି ପୁଞ୍ଜାର ଅଧିକାରୀ ଭାବେ ପ୍ରକାଶ ଚନ୍ଦ୍ର ବେହେରା ଓ ଗୌଡ଼ ପୁଞ୍ଜାର ଅଧିକାରୀ ଭାବେ ମୂରଲୀ ଗୌଡ଼ ପରିଚାଳନା କରୁଛନ୍ତି। ସେହିଭଳି ଆଛୁଲିଠାରେ ରହିଥିବା ବିପତ୍ତି ତାରିଣି ଦଣ୍ଡ ଯାତ୍ରା ଦଳରେ ଅଧିକାରୀ ଭାବେ ମୋଚିରାମ ବେହେରା ରହିଛନ୍ତି।

ସେପହିର ବୁଗୁଡା ବ୍ଲକ ଅନ୍ତର୍ଗତ ଭାମଶିଆଳିରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି। ଯାତ୍ରାର ପ୍ରଥମ ଦିନରେ ଦଣ୍ଡ ଉଠୁଥିବା କାଳୀ ମନ୍ଦିରରେ ପାରମ୍ପରିକ ରୀତିନୀତି ପ୍ରକାରେ ସମସ୍ତ କାର୍ଯ୍ୟ ପ୍ରାତଃକାଳରୁ ଆରମ୍ଭ ହୋଇଥିଲା। ଗ୍ରାମରେ ଥିବା ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରିବା ପରେ ପଇତାପକା, ଅପରାହ୍ନରେ ଦାଣ୍ଡ ଭ୍ରମଣ, ଧୂଳି ଦଣ୍ଡ, ପାଣିଦଣ୍ଡ ଓ ସନ୍ଧ୍ୟାରେ ଆଳତି ସହ ରାତିରେ ଦଣ୍ଡୁଆମାନଙ୍କ ଅନ୍ନ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଚଳିତ ବର୍ଷ ପାଟଭୋକ୍ତା ଭଗବାନ ଗୌଡ଼ ଓ ପୂଜାରୀ ବାଦଲ ଗୌଡଙ୍କ ତତ୍ତ୍ୱାବଧାନରେ ଭାମଶ୍ୟାଳି ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଭାମଶ୍ୟାଳି ଦଣ୍ଡଯାତ୍ରା କମିଟି ସଭାପତି ସୁନୀଲ କୁମାର ପାଢ଼ି ଓ ପରିଚାଳକ ନାରାୟଣ ପୋଲେଇଙ୍କ ତତ୍ତ୍ୱାବଧାନ ଏବଂ କାହ୍ନୁଚରଣ ପ୍ରଧାନଙ୍କ ନିର୍ଦ୍ଦେଶନାରେ ନାଟକ ଆସିଛି ଏକା ଯିବି ମୁଁ ଏକା ମଞ୍ଚସ୍ଥ ହୋଇଥିଲା।

## ସଂକ୍ଷେପରେ

### ପାରା ସୁଇମିଂ ପ୍ରତିଯୋଗିତା ପାଇଁ ଗୋଆଲିଅର ଯାତ୍ରା କଲେ ପୂର୍ଣ୍ଣଚନ୍ଦ୍ର

ଛତ୍ରପୁର, ୨୭।୩ (ଦିଲ୍ଲୀପ ସାମଲ): ଜାତୀୟସ୍ତରୀୟ ପାରା ସୁଇମିଂ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମଧ୍ୟପ୍ରଦେଶର ଗୋଆଲିୟର ଯାତ୍ରା କରିଛନ୍ତି ଛତ୍ରପୁର ପାର୍କସାହିନିବାସୀ ପୂର୍ଣ୍ଣଚନ୍ଦ୍ର ସେଠୀ। ଆସନ୍ତା ୨୯ରୁ ଏହି ପ୍ରତିଯୋଗିତା ହେବ। ପୂର୍ଣ୍ଣଙ୍କ ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ସେ ୫୫ ପ୍ରତିଶତ ଦିବ୍ୟାଙ୍ଗ। ଜାତୀୟସ୍ତରରେ ପାରା ସୁଇମିଂ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ଗଞ୍ଜାମ ଜିଲ୍ଲା ପାଇଁ ସୁନାମ ଆଣିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ନିକଟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହୋଇଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

### ୩ ଦୁର୍ଘଟଣା ; ଜଣେ ମୃତ, ୭ ଆହତ

ଭଞ୍ଜନଗର, ୨୭।୩(ବାବୁଲା ପ୍ରଧାନ): ମଙ୍ଗଳବାର ଓ ବୁଧବାର ଦୁଇଦିନ ମଧ୍ୟରେ ଭଞ୍ଜନଗର ଥାନା ଅଞ୍ଚଳରେ ୩ ଟି ଦୁର୍ଘଟଣା ଘଟିଛି। ସେଥିମଧ୍ୟରୁ ଦୁଇଟି ସୋରଦେବି ମନ୍ଦିର ରାସ୍ତାରେ ହୋଇଥିବା ବେଳେ ଆଉ ଗୋଟିଏ ପାର୍କ ଛକରେ। ଉକ୍ତ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୭ ଆହତ ହେଇଛନ୍ତି। ଲାଲସିଂର ପାଣ୍ଡୁ ବେହେରା (୬୦) ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଗତକାଲି ସେ ମନ୍ଦିରରୁ ଭୋଜି ଖାଇ ଘରକୁ ଫେରୁଥିବା ବେଳେ ଏକ ବାଇକ ଧକ୍କା ଲଗାଇଥିଲା। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲକୁ ଅଧିକ ଚିକିତ୍ସା ପାଇଁ ନେବା ବେଳେ ବାଟରେ ସେ ମୃତ୍ୟୁବରଣ କରିଥିଲେ।

### ଅନନ୍ତେଶ୍ୱର ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ଶେରଗଡ, ୨୭।୩(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକ ନରେନ୍ଦ୍ରପୁର ଗ୍ରାମରେ ଥିବା ଅନନ୍ତେଶ୍ୱର ମନ୍ଦିରରୁ ମଙ୍ଗଳବାର ରାତିରେ ହୁଣ୍ଡି ଭାଙ୍ଗି ଚୋରି କରିଛନ୍ତି ଦୁର୍ବୃତ୍ତ। ହୁଣ୍ଡିରେ ଗତ ଛଅ ମାସ ହେଲା ଟଙ୍କା କଢ଼ାଯାଇ ନଥିଲା। ଦୁର୍ବୃତ୍ତମାନେ ମଧ୍ୟରାତ୍ରିରେ ମନ୍ଦିର ଭିତରେ ପଶି ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି କରି ଉକ୍ତ ହୁଣ୍ଡିକୁ ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। ସକାଳୁ ଲୋକମାନେ ମନ୍ଦିରକୁ ଗଲାବେଳକୁ ହୁଣ୍ଡି ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି।

### ଜଳଛତ୍ର କେନ୍ଦ୍ର ଖୋଲିବାକୁ ଦାବି

ଶେରଗଡ, ୨୭।୩(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ରେ ଗତ କିଛିଦିନ ହେଲା ଖରା ଲାଗିରହିଛି। ଫଳରେ ଗୁଳୁଗୁଳି ସାଙ୍ଗକୁ ପ୍ରଚଣ୍ଡ ଗରମ ଅନୁଭୂତି ହେଉଛି। ବାଟୁଆ ହାଟୁଆମାନେ ହଇରାଣ ହେଉଛନ୍ତି। ବ୍ଲକର ୨୨ ପଞ୍ଚାୟତର ୯୫ ଟି ଗ୍ରାମରେ ବହୁତ ଖରା ଅନୁଭୂତି ହେଉଥିବା ବେଳେ ସରକାର ଓ ବ୍ଲକ ତରଫରୁ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଥିବା ବେଳେ କୌଣସି ପଞ୍ଚାୟତ ଖୋଲି ନାହାନ୍ତି। ଏଣୁ ପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଜଳଛତ୍ର କେନ୍ଦ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି।

### ବସ୍ ଦୁର୍ଘଟଣାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ଆସିକା, ୨୭।୩ (ସୁରେନ୍ଦ୍ର ନାଥ ସାହୁ): ଆସିକା ବଡନଦୀ ଶଙ୍କ ଉପରେ ବୁଧବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଆସିକା ସହର ଉପକଣ୍ଠ ବରଗାଁ ଗ୍ରାମର ବିଭୀଷଣ ମହାନ୍ତି (୭୯) ବୋଲି ଜଣାପଡିଛି। ବିଭୀଷଣ ସାଇକେଲରେ ଆସିକାରୁ ଗାଁକୁ ଫେରୁଥିଲା ବେଳେ ଆସିକାରୁ ଭୁବନେଶ୍ୱର ଯାଉଥିବା ଏକ ଯାତ୍ରୀବାହୀ ବସ ତାଙ୍କ ଉପରେ ମାଡିଯାଇଥିଲା। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିଛି।

### ବେଆଇନ ପାର୍କିଂରେ ଚଢ଼ାଉ

ଆସିକା, ୨୭।୩ (ସୁରେନ୍ଦ୍ର ନାଥ ସାହୁ): ଆସିକା ଏନଏସି ପକ୍ଷରୁ ବୁଧବାର ସହରାଞ୍ଚଳରେ ରାସ୍ତା କଡ଼ରେ ପାର୍କିଂ କରୁଥିବା ଯାନବାହାନ ଉପରେ ଧରପଗଡ ଅଭିଯାନ କରାଯାଇଥିଲା । ଆସିକା ବିଜୁ ପଟ୍ଟନାୟକ ଛକ, କଳିଙ୍ଗା ରୋଡ, ବସଷ୍ଟାଣ୍ଡ, ଲକ୍ଷ୍ମୀବଜାର, ବିନାୟକ ବଜାର, ଅଶୋକ ସିନେମା ରୋଡ ଆଦି ସ୍ଥାନରେ ରାସ୍ତା କଡରେ ଥିବା ୨ଚକିଆ ଓ ୪ ଚକିଆ ଯାନର ଫଟୋ ଉତ୍ତୋଳନ କରିଥିବା ଲକ୍ଷ୍ୟ କରାଯାଇଛି। ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ନେତୃତ୍ୱରେ ଏନଏସି କର୍ମଚାରୀ ଓ ପୋଲିସ ସାମିଲ ଥିଲେ।

## ମା’ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଆରମ୍ଭ

# ଅବ୍ୟବସ୍ଥା ନେଇ ଭକ୍ତଙ୍କ ଅସନ୍ତୋଷ

ପୁରୁଷୋତ୍ତମପୁର, ୨୭।୩(ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟଦେବୀ ମା’ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଅବ୍ୟବସ୍ଥା ମଧ୍ୟରେ ଆରମ୍ଭ ହୋଇଯାଇଛି। ମା’ଙ୍କୁ ଦର୍ଶନ କରିବା ପାଇଁ ରାତ୍ରରୁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ମା’ ତାରା ତାରିଣି ଦୁଇ ଭଉଣୀ ମହାକାଳୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରାତ୍ର ୧୨.୪୫ରେ ମନ୍ଦିର ଦ୍ୱାର ଫିଟା ହୋଇ ମାଜଣା, ମଙ୍ଗଳ ଆଳତି, ସିଙ୍ଗାର, ଅବକାଶ ଆଦି ପରମ୍ପରା ଅନୁସାରେ ସମସ୍ତ ରୀତିନୀତି କରାଯାଇ ପୂଜାର୍ଚ୍ଚନା ହୋଇଥିଲା। ତାରା ତାରିଣି ଦୁଇ ଭଉଣୀଙ୍କୁ ସେବାୟତମାନେ ମହାକାଳୀ ବେଶରେ ସଜ୍ଜିତ କରାଇବା ପରେ ଭୋର ୫.୪୫ରେ ସାହାଣ ମେଲା ହୋଇଥିଲା ଓ ମା’ ଭକ୍ତଙ୍କୁ ମହାକାଳୀ ରୁପରେ ଦର୍ଶନ ଦେଇଥିବା ବେଳେ


ମହାକାଳୀ ବେଶରେ ତାରାତାରିଣୀ।

ରାତ୍ର ତିନିଟାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିବାର ସେବାୟତ ବାପୁଜୀ ରଣାଙ୍କଠାରୁ ଜଣାପଡିଛି। ମା’ଙ୍କ ଯାତ୍ରାର ପ୍ରଚାର ପ୍ରସାର ଯେପରି ହୋଇପାରିବ ଏହା ଦ୍ୱାରା ଯେପରି ଲୋକାଦୃତ ହୋଇ ଦେଶ ଓ ରାଜ୍ୟର କୋଣ କୋଣରୁ ଭକ୍ତ ଓ ପର୍ଯ୍ୟଟକମାନେ ମା’ଙ୍କ ପୀଠକୁ ବହୁଳ ମାତ୍ରାରେ ଆସିବେ ସେଥିଲାଗି ପୂର୍ବ ବର୍ଷ ଗୁଡ଼ିକରେ ତତ୍କାଳିନ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଗଣମାଧ୍ୟମକୁ ଗୁରୁତ୍ୱ ଦେଉଥିବା ବେଳେ ଚଳିତ ବର୍ଷ ଯେପରି ଗଣମାଧ୍ୟମ ପ୍ରତିନିଧିମାନେ ଯାତ୍ରାକୁ ନ ଆସିପାରିବେ ସେ ନେଇ ଏକ ପ୍ରକାରର ରୋକ ଲଗାଇ ବାଇକ ପାସ ବ୍ୟବସ୍ଥାକୁ ବନ୍ଦ କରିଦେଇ ବହୁ ଦୂରରେ ଅଟକାଇ ରଖିଛନ୍ତି। ଯାହାଦ୍ୱାରା ପାହାଡ ପାଦ ଦେଶକୁ ଯାଇ ଖବର ସଂଗ୍ରହ ଲାଗି ଗଣମାଧ୍ୟମ ପ୍ରତିନିଧିମାନେ ସୁଯୋଗ ପାଇନପାରି ଅଧ ରାସ୍ତାରୁ ଫେରିଆସିଛନ୍ତି। ପ୍ରଶାସନର ଏଭଳି ଘଟଣାକୁ ନେଇ ପୁରୁଷୋତ୍ତମପୁର ପ୍ରେସକ୍ଲବ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଦିବ୍ୟାଙ୍ଗଙ୍କ ସହ ହୋଲି ପାଳିଲେ ଥାନାଧିକାରୀ

ଗଞ୍ଜାମ, ୨୭।୩(ବିଦ୍ୟାଧର ସାହୁ)

ସାରା ରାଜ୍ୟରେ ହୋଲି ଉତ୍ସବ ପାଳନ ହୋଇଥିବା ବେଳେ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର ନିଆରୋ ଢଙ୍ଗରେ ହୋଲି ପାଳନ କରିଛନ୍ତି । ସେ ଥାନାରେ ନିଜ ଷ୍ଟାଫଙ୍କ ସହ କିଛି ସମୟ ହୋଲି ଖେଳିବା ପରେ ଛତ୍ରପୁର ବ୍ଲକ ସୁନ୍ଦରପୁରଠାରେ ଥିବା ଦିବ୍ୟାଙ୍ଗ ଶିବିର ଯାଇ ଦିବ୍ୟାଙ୍ଗମାନଙ୍କ ସାଥିରେ ହୋଲି ଖେଳିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିସହ ଆଇଆଇସି ପାତ୍ର ନିଜ ଦରମାରୁ କିଛି ଆର୍ଥିକ ସହାୟତା କରିଛନ୍ତି। ହୋଲି ପାଳନ ବେଳେ ପୂର୍ବତନ କାଉନସିଲର ଦୁର୍ଗା ମାଧବ ପାଣିଗ୍ରାହୀ, ଯୁବ ସ୍ୱେଚ୍ଛାସେବୀ ସଞ୍ଜୟ କୁମାର ସ୍ୱାଇଁଙ୍କ ସମେତ ଗଞ୍ଜାମ ଥାନା ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ନିଆଁରେ ପୋଡ଼ିହୋଇ ୭ ବର୍ଷର ଝିଅ ଗୁରୁତର

ପାତ୍ରପୁର, ୨୭।୩(ଉମାଚରଣ ନେପାକ)

ପାତ୍ରପୁର ବ୍ଲକ୍ ଆଙ୍କୁଲି ପଞ୍ଚାୟତ ଫୁଲସାହି ଗ୍ରାମରେ ମଙ୍ଗଳବାର ଚୁଲି ନିଆଁରେ ପୋଡ଼ିହୋଇ ଜଣେ ୭ ବର୍ଷର ଝିଅ ଗୁରୁତର ହୋଇଛନ୍ତି। ସେ ହେଲେ ଆଙ୍କୁଲି ପଞ୍ଚାୟତ ଫୁଲସାହି ଗ୍ରାମର ଶିବରାମ ନାୟକଙ୍କ ଝିଅ ଅମି ନାୟକ। ଶିବରାମଙ୍କ ସ୍ତ୍ରୀ ରୋଷେଇ କରୁଥିବା ବେଳେ ଝିଅ ଅମିଙ୍କ ଡ୍ରେସ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଝିଅର ପାଟି ଶୁଣି ମା’ ଆସି ନିଆଁକୁ ଲିଭେଇବା ସହ ଅମିଙ୍କୁ ଗୁରୁତର ଅବସ୍ଥାରେ ଖାରିଆଗୁଡ଼ା ଡାକ୍ତରଖାନକୁ ନେଇଥିଲେ।

## ପୃଥକ୍ ସ୍ଥାନରେ ବୁଡ଼ି ୨ ମୃତ

ଛତ୍ରପୁର, ୨୭।୩(ସନ୍ତୋଷ ପାଢ଼ୀ):

ପୃଥକ ସ୍ଥାନରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ଚମାଖଣ୍ଡି ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ହୋଲି ଖେଳ ସାରି ଗାଧୋଇଲା ବେଳେ ମାଙ୍ଗୁଆରୀପେଟା ଗ୍ରାମରେ ଥିବା ଏକ ପୋଖରୀରେ ବୁଡି ପି. ମନ୍ମଥ ରାଓଙ୍କ ମୃତ୍ୟୁ ଘଟିଛି । ସେ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କର ଗୋଡ ଖସି ଯାଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାସନାପୁଟି ଗ୍ରାମ ନିକଟ ଆଇଆର୍ଇଏଲ ଡ୍ରେଜିଙ୍ଗ ଅଞ୍ଚଳରେ ଥିବା ଏକ ଗଭୀର ଖାତରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ଜଣକ ହେଲେ ବାସନାପୁଟି ଗ୍ରାମର ଖଲ୍ଲୀ ନାୟକ। ସେ ସେଠାକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯାଇଥିଲା।

## ବିବେକାନନ୍ଦ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ଧରାକୋଟ, ୨୭।୩(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ୍ ଅନ୍ତର୍ଗତ ଜାହାଡ଼ା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅଧ୍ୟାପକ ଲଡୁକିଶୋର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସତ୍ୟବାଦୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ କ୍ରୀଡ଼ାବିତ୍ ପାଣ୍ଡବ ସ୍ୱାଇଁ, ସାମ୍ବାଦିକ ହୃଦାନନ୍ଦ ଜେନା, ସିଙ୍ଗିପୁର ସମିତି ସଭ୍ୟା ମମତା ଦାସ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ତଥା ପ୍ରଧାନ ଆଚାର୍ଯ୍ୟ ନବଘନ ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗୁରୁ ବନ୍ଦନା ଓ ଭକ୍ତି ସଙ୍ଗୀତ ଗାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ନିଷ୍କ୍ରମଣ ଉତ୍ସବ

**ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର, ୨୭।୩(ସ୍ମୃତି ରଞ୍ଜନ ମହାଳିକ)

ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର ନୀଳକଣ୍ଠନଗରଠାରେ ସୋମବାର ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ନିଷ୍କ୍ରମଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୫୦୦ ଜଣ ଯୁକ୍ତ ୩ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ। ବରିଷ୍ଠ ପଦାର୍ଥ ବିଜ୍ଞାନୀ, ସ୍ତମ୍ଭକାର, ଲେଖକ ଓ ପ୍ରାଧ୍ୟାପକ ଡ. ନିଖିଳାନନ୍ଦ ପାଣିଗ୍ରାହୀ ମୁଖ୍ୟଅତିଥି ଓ ସମାଜ ସଂସ୍କାରକ ପ୍ରାଧ୍ୟାପକ ଡ. ଭଗବାନ ତ୍ରିପାଠୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ପ୍ରକୃତିକୁ ଭଲ ପାଇଲେ ପୃଥିବୀ ତିଷ୍ଠି ପାରିବ ବୋଲି କହିଥିଲେ। ଅନୁଷ୍ଠାନର ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ କଠୋର ଶୃଙ୍ଖଳା, ଅନୁଶାସନ, ବିଜ୍ଞତା, ଶିକ୍ଷାରେ ଉତ୍କର୍ଷତା, ଶୈକ୍ଷିକ ପାରଦର୍ଶିତା ଓ ସଂସ୍କାରଯୁକ୍ତ ବାତାବରଣର ଏକ ସୁନ୍ଦର ସଂରଚନା କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଉଚ୍ଚକୋଟୀର ଭବିଷ୍ୟତ ନିର୍ମାଣ ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ ସୁବ୍ରତ କୁମାର ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ। ପରିଚାଳନା ସମିତିର ସହ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ଭେଙ୍କେଟ ରାଓ, ଡିଗ୍ରୀ ମହାବିଦ୍ୟାଳୟର ଡିନ ଡ. ବିବେକାନନ୍ଦ ପଣ୍ଡା, ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ. ବି ରାଜେନ୍ଦ୍ର ମୂର୍ତ୍ତି, ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି, ଉଚ୍ଚ ବିଦ୍ୟାଳୟର ଏସ. ମୋହନ ରାଓ, ଶିଶୁ ମନ୍ଦିରର ପ୍ରାଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଓ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଚିତ୍ତରଞ୍ଜନ ପଣ୍ଡା ମଞ୍ଚାସୀନ ଥିଲେ। ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସଦସ୍ୟା ପ୍ରଣତୀ ସାମଲ, ବାସନ୍ତି ବେହେରା, ଉପଦେଷ୍ଟା ମଣ୍ଡଳୀର କର୍ମକର୍ତ୍ତା କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପ୍ରାର୍ଥୀ ଘୋଷଣା ପରେ ବିଜେଡି କର୍ମୀ ଉତ୍ସାହିତ

ଭଞ୍ଜନଗର/ସୋରଡ଼ା/ବେଲଗୁଣ୍ଠା/ ଛତ୍ରପୁର/ଗଞ୍ଜାମ/କୋଦଳା, ୨୭।୩(ବାବୁଲା ପ୍ରଧାନ/ଲମ୍ବୋଦର ପାଣିଗ୍ରାହୀ/କୃଷ୍ଣଚନ୍ଦ୍ର ପଟ୍ଟନାୟକ/ଦିଲୀପ ସାମଲ/ବିଦ୍ୟାଧର ସାହୁ/ଅମିତ ପଟ୍ଟନାୟକ):


ବିକ୍ରମ କେଶରୀ ଆରୁଖ


ସଂଘମିତ୍ରା ସ୍ୱାଇଁ


ସୁବାସ ଚନ୍ଦ୍ର ବେହେରା


ଲତିକା ପ୍ରଧାନ


ଅଚ୍ୟୁତାନନ୍ଦ ସାମନ୍ତ


ରଞ୍ଜିତା ସାହୁ

ଭଞ୍ଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପୁଣି ପ୍ରାର୍ଥୀ ହୋଇଛନ୍ତି। ଏଥିସହ କନ୍ଧମାଳ ଲୋକସଭା ପାଇଁ ବିଜେଡ଼ିରୁ ଡ.ଅଚ୍ୟୁତ୍ ସାମନ୍ତ ପୁଣି ପ୍ରାର୍ଥୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ପ୍ରତି ବିଶ୍ୱାସ ଏବଂ ଆସ୍ଥା ପ୍ରକଟ କରି ସେମାନଙ୍କୁ ପ୍ରାର୍ଥୀ ଘୋଷଣା କରିଛନ୍ତି, ଯାହାକୁ ନେଇ ବିଜେଡ଼ି କର୍ମୀମାନେ ଖୁସିବ୍ୟକ୍ତ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି। ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଏମପି ପ୍ରତିନିଧି ବିପ୍ର ଚରଣ ବାରିକ, ଦିବାକର ନାୟକ, ବ୍ଲକ ଏବଂ ଏନଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଭାବେ ବିକ୍ରମ ପ୍ରଥମେ ନିର୍ବାଚିତ ହେବାପରେ ଆଉ ସେ ପଛକୁ ଫେରିନାହାନ୍ତି । ଏହାପରେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନେତା ହୋଇଥିଲେ। ୧୯୯୨ରେ ସେ ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ହୋଇଥିଲେ । ୧୯୯୫ରେ ପ୍ରଥମେ ବିଧାୟକ ଭାବେ ଜନତା ଦଳରୁ ନିର୍ବାଚିତ ହୋଇଥିଲେ।

ସେହିପରି ସୋରଡ଼ା ବିଧାୟିକା ପ୍ରାର୍ଥୀ ଭାବେ ପୂର୍ବତନ ଏନଏସି ଅଧ୍ୟକ୍ଷା ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ସଂଘମିତ୍ରା ସ୍ୱାଇଁଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଫଳରେ ତାଙ୍କର ସମର୍ଥକମାନେ ବାଣଫୁଟାଇ ନୃତ୍ୟ କରିଛନ୍ତି। ସୋରଡ଼ା ଏନଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡାଙ୍କ ସମେତ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସେହିପରି ଛତ୍ରପୁର ବିଧାନସଭା ମଣ୍ଡଳୀ ପାଇଁ ପୁଣି ଥରେ ସୁବାସ ଚନ୍ଦ୍ର ବେହେରାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଫଳରେ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଖୁସିର ଲହରି ଖେଳିଯାଇଛି। ଛତ୍ରପୁର ସ୍ଥିତ ଲୋୟାର ବସଷ୍ଟାଣ୍ଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବାଣ ଫୁଟାଇ ମିଠା ବାଣ୍ଟି ଦଳୀୟ ନେତା ଓ କର୍ମୀମାନେ ଖୁସି ମନାଇଛନ୍ତି। ସେହିପରି ଗଞ୍ଜାମ ଏନଏସି ବିଜେଡିରେ ଖୁସିର ଲହରୀ ଖେଳିଯାଇଛି। ଏନଏସି ଯୁବ ବିଜେଡି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସଙ୍କ ନେତୃତ୍ୱରେ ଷ୍ଟାଡିୟମରୁ ଏକ ଶୋଭାଯାତ୍ରାରେ ବାହାରି ଶତାଧିକ ଯୁବ ଓ ଛାତ୍ର ନେତାମାନେ ବଡ଼ ବଜାରରେ ପହଞ୍ଚି ବାଣ ଫୁଟାଇବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକି, ଏନଏସି ନଗର ସଭାପତି ରଙ୍ଗନାଥ ପଲାଇ, ଏନଏସି ପୂର୍ବତନ ନଗରପାଳ ନୀଳାଞ୍ଚଳ ବାରିକି, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, କାଉନସିଲର ବୁଦ୍ଧୁସାହୁ, ବିଜେଡି ଯୁବନେତା ଜିତୁ ପଣ୍ଡା, ନିରଞ୍ଜନ ପରିଡା, ଶିବରାମ ଜେନା, ଧରଣୀଧର ସାହୁ, କାଉନସିଲର ପ୍ରତିନିଧି ଅରୁଣ ମହାନ୍ତିଙ୍କ ସମେତ ଶତାଧିକ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ପୁଣି ଥରେ ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ, ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜ, ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଡଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସେହିପରି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କୁ ଦଳ ପୁଣିଥରେ ଭରସା କରିଛି। ବିଧାୟକ ପ୍ରାର୍ଥୀ ଭାବେ ପୁଣି ଲତିକା ପ୍ରଧାନଙ୍କୁ ଟିକେଟ ଦେଇଥିବା ବେଳେ ପୂର୍ବତନ ଏନଏସି ଅଧ୍ୟକ୍ଷ ହର ସାହୁଙ୍କ ଝିଅ ରଞ୍ଜିତା ସାହୁଙ୍କୁ ଏମପି ପ୍ରାର୍ଥି ଭାବେ ଘୋଷଣା କରିଛି। ଫଳରେ ଲତିକା ଓ ହରଙ୍କ ମଧ୍ୟରେ ବିବାଦ ଏକପ୍ରକାର ଅବସାନ ଘଟିଛି। ଟିକେଟ ମିଳିବା ପରେ ଲତିକାଙ୍କ ଶିବିର ମିଠା ବାଣ୍ଟିବା ସହ ବାଣ ଫୁଟେଇ ଖୁସି ବ୍ୟକ୍ତ କରିଛନ୍ତି। ହରଙ୍କ ପରିବାରକୁ ଟିକେଟ ମିଳିଥିବାରୁ ହର ଶିବିର ମଧ୍ୟ ଚଳଚଞ୍ଚଳ ହୋଇପଡିଛି।

## ସଂକ୍ଷେପରେ

### ଏକାଧିକ ଟ୍ରକରୁ ବ୍ୟାଟେରି ଚୋରି

ବ୍ରହ୍ମପୁର,୨୭ ।୩(ସୁବାସ ଚନ୍ଦ୍ର ପାଢ଼ୀ)– ହଳଦିଆପଦର ନିକଟରେ ଥିବା ଏକାଧିକ ଟ୍ରକରୁ ବ୍ୟାଟେରି ଚୋରି ହୋଇଛି। ଏ ନେଇ ଗୋସାଣିନୂଆଗାଁ ଥାନାରେ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି। ପୋଲିସ ସେଠାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଶାସ୍ତ୍ରୀନଗର ୩ୟ ଲାଇନରେ ରହୁଥିବା ପ୍ରଶାନ୍ତ ଶତପଥୀ ଓ ତାଙ୍କ ଭଉଣୀଙ୍କ ଟ୍ରକ ହଳଦିଆପଦର ଓଭରବ୍ରିଜ ନିକଟରେ ପାର୍କିଂ କରାଯାଇଥିଲା । କୌଣସି ଦୁର୍ବୃତ୍ତ ଏହି ୨ ଟ୍ରକରୁ ୨ଦିନ ଭିତରେ ବ୍ୟାଟେରି ଚୋରି କରି ନେଇଥିବା ପ୍ରଶାନ୍ତ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି ।

### ଗଞ୍ଜାମରୁ ୨ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀ ଗିରଫ

ବ୍ରହ୍ମପୁର,୨୭ ।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ୨ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଗପହଣ୍ଡି ଥାନା ଧରମପୁର ଗ୍ରାମର ରଞ୍ଜନ ନାୟକ ଓ ଗୋଳନ୍ଥରା ଥାନା ହନ୍ତୁଲୁ ଗ୍ରାମର କେ. ହୃଷୀକେଶ ରେଡ୍ଡି। ରଞ୍ଜନଙ୍କୁ ମୁମ୍ବାଇ କ୍ରାଇମବ୍ରାଞ୍ଚର ଆଣ୍ଟି ନାର୍କୋଟିକ୍ସ ସେଲର ଅଧିକାରୀଙ୍କୁ ଓ ହୃଷୀକେଶଙ୍କୁ ଚେନ୍ନାଇ ପୋଲିସର ପ୍ରୋହିବିସନ ଏନଫୋର୍ସମେଣ୍ଟ ୱିଙ୍ଗକୁ ହସ୍ତାନ୍ତର କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି । ରଞ୍ଜନ ଏବଂ ଲକ୍ଷ୍ମୀଧର ପ୍ରଧାନ ୨୦୨୧ରେ ଓଡ଼ିଶାରୁ ମୁମ୍ବାଇକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ମୁମ୍ବାଇ କ୍ରାଇମ ବ୍ରାଞ୍ଚ ହାବୁଡ଼ରେ ପଡିଥିଲେ । ଏ ଘଟଣାକୁ ନେଇ ସେଠାକାର ଆଣ୍ଟି ନାର୍କୋଟିକ୍ସ ସେଲ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ସେତେବେଳେ ମୁମ୍ବାଇ ପୋଲିସ ଲକ୍ଷ୍ମୀଧରଙ୍କୁ ଗିରଫ କରିଥିଲେ ମଧ୍ୟ ରଞ୍ଜନ ଫେରାର ହୋଇ ଯାଇଥିଲେ । କିଛିଦିନ ତଳେ ମୁମ୍ବାଇ କ୍ରାଇମବ୍ରାଞ୍ଚ ଆଣ୍ଟି ନାର୍କୋଟିକ୍ସ ସେଲର ଅଧିକାରୀମାନେ ବ୍ରହ୍ମପୁରରେ ପହଞ୍ଚି ରଞ୍ଜନଙ୍କୁ କାବୁ କରିବାକୁ ବ୍ରହ୍ମପୁର ପୋଲିସର ସହଯୋଗ ଲୋଡିଥିଲେ । ଦିଗପହଣ୍ଡି ଥାନା ପୋଲିସ ପକ୍ଷରୁ ଗଠିତ ଟିମ ଅଭିଯୁକ୍ତ ରଞ୍ଜନଙ୍କୁ କାବୁ କରିଥିଲେ । ସେହିପରି ହୃଷୀକେଶ କିଛି ମାସ ତଳେ ଓଡ଼ିଶା ବାହାରକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଚେନ୍ନାଇ ଗୁମୁଡିପୁଣ୍ଡି ପୋଲିସ ହାବୁଡରୁ ଖସି ଆସିଥିଲେ। ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସେହିଦିନଠାରୁ ହୃଷୀକେଶ ଚେନ୍ନାଇ ପୋଲିସର ୱାଣ୍ଟେଡ ତାଲିକାରେ ଥିଲେ ।

### ଭୂତତ୍ତ୍ୱ ବିଜ୍ଞାନ ସମ୍ପର୍କିତ ପାଠଚକ୍ର

ବ୍ରହ୍ମପୁର,୨୭।୩ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ପେଟ୍ରୋଫିଜିକ୍ସ ଓ ଭୂତତ୍ତ୍ୱବିଜ୍ଞାନ ମଧ୍ୟରେ ଯୋଗସୂତ୍ର ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଭୂତତ୍ତ୍ୱ ବିଭାଗର ବରିଷ୍ଠ ଅଧ୍ୟାପକ ଡ଼.ମନୋଜ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ କୁଏତ ଅନ୍ତର୍ଜାତୀୟ ମହାବିଦ୍ୟାଳୟର ଭୂତତ୍ତ୍ୱବିତ ଗିରିଜା ଶଙ୍କର ପାଢ଼ୀ ଯୋଗଦେଇଥିଲେ । ପାଠଚକ୍ରରେ ପେଟ୍ରୋଫିଜିକ୍ସର ଆବଶ୍ୟକତା ସମ୍ପର୍କରେ କହିଥିଲେ। ବିଭାଗର ଅଧ୍ୟାପକ ଡ଼. ଦୀପକ କୁମାର ମିଶ୍ର, ଡ଼.ରଜତ କୁମାର ପଣ୍ଡା, ଡ଼.ମନିଷା ଦାସଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନୀଳ ବିପ୍ଳବର ସାରଥି ସୁରେଶନ

ବ୍ରହ୍ମପୁର,୨୭।୩(ସ୍ମୃତି ରଞ୍ଜନ ମହାଲିକ)

**ଦକ୍ଷିଣ ଓଡ଼ିଶାର ଚାଷୀଙ୍କୁ ଯୋଗାଉଛନ୍ତି ମାଛ ଯାଆଁଳ**



ସୁରେଶନଙ୍କ ଦ୍ୱାରା କରାଯାଇଥିବା ମାଛ ଯାଆଁଳ ଚାଷ।

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ତରେଇପାଟପୁର ଗ୍ରାମର ସୁରେଶନ ବେହେରା। ବୟସ ୪୪। ଶିକ୍ଷାଗତ ଯୋଗ୍ୟତା ୭ମ ପାସ। ମାଛ ଯାଆଁଳ ଉତ୍ପାଦନ କ୍ଷେତ୍ରରେ ଦକ୍ଷତା ତାଙ୍କୁ ଦକ୍ଷିଣ ଓଡିଶାରେ ନୀଳ ବିପ୍ଳବର ସାରଥି ଭାବେ ପରିଚିତ କରାଇଛି। ଗତବର୍ଷ ନୂଆଦିଲ୍ଲୀଠାରେ ଆୟୋଜିତ ଚାଷୀ ମେଳାରେ ସୁରେଶନ ମିଲିଓନିୟର ଚାଷୀ ଭାବେ ସମ୍ମାନିତ ହୋଇଛନ୍ତି। ସୁରେଶନଙ୍କ ଯୋଗୁ ମାଛ ଚାଷୀ ଯାଆଁଳ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର ନ କରି ବର୍ତ୍ତମାନ ଗୋଟିଏ ସ୍ଥାନରେ ଉଚିତ ମୂଲ୍ୟରେ ପାଇ ପାରୁଥିବାରୁ ତାଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି।

ସୁରେଶନ ପାଠ ଛାଡିବା ପରେ ନିଜ ଗାଁର ବିଭିନ୍ନ ପୋଖରୀରୁ ମାଛଧରି ବିକ୍ରି ଆରମ୍ଭ କରିଥିଲେ। ସେଥିରେ ଲାଭ ନ ମିଳିବା ଓ ପରିବାରରେ ସମସ୍ୟା କାରଣରୁ ପରେ ରାଜମିସ୍ତ୍ରି କାମ ସହ ଓ ଚାଷବାସ କରିଥିଲେ। ଏଥିରେ ବି ନିରାଶ ହେବାରୁ ପୁଣି ପରିବାରର କୌଳିକ ବୃତ୍ତିକୁ ଫେରିଥିଲେ। ସେ ଆଖପାଖ ଗ୍ରାମର ପୋଖରୀଗୁଡିକୁ ଲିଜ ଆକାରରେ ନେଇ ୨୦୦୮ରୁ ମାଛ ଯାଆଁଳ ଉତ୍ପାଦନ ଆରମ୍ଭ କଲେ। ଏହାପରେ ହୁମୁରୀ ଅଞ୍ଚଳରେ ବ୍ୟବହାର ହେଉ ନ ଥିବା ୩୧ ଏକରର ମାଛ ପୋଖରୀକୁ ୨୦୧୪ରୁ ସତ୍ତ୍ୱାଧିକାରୀ ରୂପେ ଗ୍ରହଣ କରିଥିଲେ। ଏହାକୁ ସେ ଏକ ବିରାଟ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ବର୍ତ୍ତମାନ ସେଠାରୁ ଗଞ୍ଜାମ ଜିଲା ସମେତ ଦକ୍ଷିଣ ଓଡିଶାର ମାଲକାନଗିରି, କୋରାପୁଟ, ଗଜପତି, କନ୍ଧମାଳ, ଏପରିକି ନୟାଗଡ ଓ ପୁରୀ ଜିଲା ଏବଂ ପଡ଼ୋଶୀ ରାଜ୍ୟ ଆନ୍ଧ୍ରକୁ ମଧ୍ୟ ସୁରେଶନ ମାଛ ଯାଆଁଳ ଯୋଗାଉଛନ୍ତି। ଆନ୍ଧ୍ରର ଶ୍ରୀକାକୁଲମ ଅଞ୍ଚଳକୁ ବିଭିନ୍ନ ପ୍ରଜାତିର ମାଛ ଯାଆଁଳ ଅଧିକ ପରିମାଣର ରପ୍ତାନୀ ହେଉଥିବା ସେ କହିଛନ୍ତି। ରୋହି, ଭାକୁର, ମିରିକାଳୀ, ଦଳଖିଆ, ଅମୁର କପ, ସିଲଭର କପ, ଜଳଙ୍ଗ, ସେରେଣା, ରୁପଚାନ୍ଦି, ବ୍ଲାକ କପ, ମାଗୁର ଏବଂ କଉ ଭଳି ୩୦ରୁ ୪୦ ପ୍ରଜାତିର ମାଛ ଯାଆଁଳ ତାଙ୍କ ଫାର୍ମରେ ଉତ୍ପାଦନ ହେଉଛି। ଯାହାର ମୂଲ୍ୟ ୧ଟଙ୍କାରୁ ଆରମ୍ଭ ହୋଇ ୨୦ ଟଙ୍କା ପର୍ଯ୍ୟନ୍ତ ରହିଛି। ୩୧ ଏକର ଜାଗାରେ ୪୧ଟି ପୋଖରୀରେ ସୁରେଶନ ଏସବୁ ପ୍ରଜାତିର ମାଛ ଯାଆଁଳ ରଖିଛନ୍ତି। ଯାଆଁଳକୁ ସେ ଗଞ୍ଜାମ ଜିଲା ସମେତ ମତ୍ସ୍ୟ ବିଭାଗ ନିକଟରୁ ଆଣୁଥିବା କହିଛନ୍ତି। ଗତବର୍ଷ ପ୍ରାୟ ୩୦ ଲକ୍ଷ ଟଙ୍କାର ଯାଆଁଳ ଆଣି ୨ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରିଥିବା କହିଛନ୍ତି। କେବଳ ଯାଆଁଳ ନୁହେଁ ମାଛଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ, ଔଷଧ, ମାଛ ଧରିବା ଜାଲ, ମାଛଧରା ଡଙ୍ଗା ଓ ବୋଟ ମଧ୍ୟ ବିକ୍ରି ପାଇଁ ରଖିଛନ୍ତି।

ସୁରେଶନ କୁହନ୍ତି ଯେ, ବୈଜ୍ଞାନିକ ଜ୍ଞାନକୌଶଳରେ କୃଷି ବିଜ୍ଞାନ କେନ୍ଦ୍ର ଜରିଆରେ ପୋଖରୀ ଜଳ ଓ ମାଟି ପରିଚାଳନା, ରୋଗ ନିୟନ୍ତ୍ରଣ ପାଇଁ ବୈଷୟିକ ସାହାଯ୍ୟ ନେବା ଆବଶ୍ୟକ। ସାଧାରଣ ଗ୍ରାମୀଣ ପୁରୁଷ, ମହିଳା ଓ ଯୁବତୀ ଯୁବକଙ୍କୁ ମାଛ ଚାଷକୁ ଉତ୍ସାହିତ କରିବା ପାଇଁ ୨୦୧୮ରୁ ତାଙ୍କ ଫାର୍ମରେ ଏକ ୱାନ ଷ୍ଟପ ଆକ୍ୱାସପ ଖୋଲିଛନ୍ତି। ଏଠାରେ ମାଛ ଚାଷ ନିମନ୍ତେ ଉତ୍ସାହୀ ଯୁବତୀ ଯୁବକ ପ୍ରେରଣା ସହ ପ୍ରଶିକ୍ଷଣ ନେଉଛନ୍ତି। ବର୍ତ୍ତମାନ ତାଙ୍କ ବ୍ୟବସାୟରେ ୨୦ଟି ପରିବାର ରୋଜଗାର ପାଇଛନ୍ତି। ଆଗାମୀ ଦିନରେ ଜିଲାରେ ଏଭଳି ଅବ୍ୟବହୃତ ହୋଇ ପଡିଥିବା ପୋଖରୀକୁ କାର୍ଯ୍ୟରେ ଲଗାଇବା ପାଇଁ ଲକ୍ଷ୍ୟ ରଖିଥିବା ସୁରେଶନ କହିଛନ୍ତି। ଏଭଳି ମାଛ ଯାଆଁଳ ଉତ୍ପାଦନ କରି ରାଜ୍ୟକୁ ଯାଆଁଳ ଉତ୍ପାଦନରେ ସ୍ୱାବଲମ୍ବୀ କରାଇବାରେ ଯୁବକଙ୍କ ଆବଶ୍ୟକତା ରହିଥିବା ବ୍ରହ୍ମପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ ସୁଜିତ କୁମାର ନାଥ କହିଛନ୍ତି।

## ସମାଜରେ ଶାନ୍ତିର ଦୂତ କଳାକାର

ବ୍ରହ୍ମପୁର,୨୭ ।୩(ସ୍ମୃତି ରଂଜନ ମହାଲିକ)

ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ପ୍ରକାଶମ ହଲଠାରେ ବୁଧବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ନଟରାଜ ଡା ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନାଟ୍ୟକାର ଉମାଶଙ୍କର ଦାଶ, ସୁରେନ୍ଦ୍ର କୁମାର ଜେନା, କଳାପ୍ରାଣ କୈଳାସ ପାଣିଗ୍ରାହୀ, ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ଜିଲା ବରିଷ୍ଠ କଳାକାର ମହାସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। କଳାକାରମାନେ ସମାଜରେ ଶାନ୍ତିଦୂତର ଦାୟିତ୍ୱ ନିର୍ବାହ କରିଥାନ୍ତି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ହରିଡାଖଣ୍ଡି କଳାକାରମାନେ 'ରାବଣ ଦର୍ପ ଦଳନ ବା ରାମ ନାଟକ' ପରିବେଷଣ କରିଥିଲେ। ଅତିଥିଙ୍କ ଦ୍ୱାରା ଅରୁଣ କୁମାର ପ୍ରଧାନ, ଶରତ କୁମାର ସ୍ୱାଇଁ, ତ୍ରିନାଥ ନାୟକ ପ୍ରମୁଖ କଳାକାର ସମ୍ବର୍ଦ୍ଧିତ ହୋଇଥିଲେ। ମହାସଂଘର ମହାସଚିବ ସୁବାସ ଚନ୍ଦ୍ର ସାହୁ ନାଟ୍ୟ ଦିବସ ବାର୍ତ୍ତା ଉପସ୍ଥାପନ କରିଥିବାବେଳେ ଶଙ୍କର୍ଷଣ ସାବତ ଅତିଥି ପରିଚୟ ଦେଇଥିଲେ। ଚନ୍ଦ୍ରଭାନୁ ନାୟକ, ପ୍ରଦୀପ କୁମାର ସାହୁ, କୁନୁ ବେହେରା ଓ ମହେନ୍ଦ୍ର କୁମାର ସାହୁ ସହଯୋଗ କରିଥିଲେ।

# ୬ ବର୍ଷରେ ଜବତ ହୋଇଛି ୫୬ ବନ୍ଧୁକ

ବ୍ରହ୍ମପୁର, ୨୭।୩(ସୁବାସ ଚନ୍ଦ୍ର ପାଢ଼ୀ):

**ବ୍ରହ୍ମପୁର ପୋଲିସ ଜିଲା**

ବ୍ରହ୍ମପୁର ପୋଲିସ ଜିଲା ବିଗତ ଦିନରେ ଅପରାଧୀଙ୍କ ଅମରାବତୀ ରହିଥିଲା। ୨୦୧୬ ପରେ ପୋଲିସ ଏନକାଉଣ୍ଟରରେ ଅନେକ ପେଶାଦାର ଅପରାଧୀ କବଜାକୁ ଆସିଥିଲେ। ସେମାନଙ୍କଠାରୁ ବିଭିନ୍ନ ପ୍ରକାର ବିଦେଶୀ ବନ୍ଧୁକ ଜବତ ହୋଇଥିଲା । ବିଶେଷ କରି ୨୦୧୮ରୁ ୨୦୨୩ ଡିସେମ୍ବର ସୁଦ୍ଧା ବ୍ରହ୍ମପୁର ପୋଲିସ ଜିଲାରେ ୫୬ ବନ୍ଧୁକ, ୧୪୫ ଗୁଳି, ୧୭୩ଟି ଖଣ୍ଡା, ଭୁଜାଲି, ଛୁରି ଓ ୨୧ ମାଗାଜିନ ଜବତ ହୋଇଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

ବିଗତ ବର୍ଷ ମଧ୍ୟରେ ପୋଲିସ ଏନକାଉଣ୍ଟରରେ ୨୦ରୁ ଅଧିକ ପେଶାଦାର ଅପରାଧିଙ୍କୁ ପୋଲିସ କାବୁ କରି କୋର୍ଟଚାଲାଣ କରିଛି। ତେବେ ଗୋଷ୍ଠୀ ସଂଘର୍ଷ ଭଳି ଘଟଣା ଥମିଥିଲେ ସୁଦ୍ଧା ରାଜନୈତିକ ହତ୍ୟାକାଣ୍ଡ ବଢ଼ିବାରେ ଲାଗିଛି। ଯାହାକି, ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏବେଠୁ ପେଶାଦାର ଅପରାଧୀଙ୍କ ଉପରେ କଡା ନଜର ରହିଛି। ନିର୍ବାଚନ ସମୟରେ ବାହାର ରାଜ୍ୟରୁ ଆସୁଥିବା ଅପରାଧୀଙ୍କ ଉପରେ ନଜର ରଖାଯାଇଛି ବୋଲି ପୋଲିସ ବିଭାଗ ପକ୍ଷରୁ ଜଣାପଡିଛି। ସେମାନେ ପଡୋଶୀ ରାଜ୍ୟର ବନ୍ଧୁକ ବ୍ୟବସାୟୀଙ୍କ ସହ ସମ୍ପର୍କରେ ରହୁଛନ୍ତି। ସମ୍ପୃକ୍ତ ବ୍ୟବସାୟୀମାନେ ଅପରାଧୀମାନଙ୍କ ପାଖରେ ପହଞ୍ଚି ଅତ୍ୟାଧୁନିକ ବନ୍ଧୁକ ଯୋଗାଉଛନ୍ତି। ଗଞ୍ଜାମରେ ବନ୍ଧୁକ କାରବାର ଘଟଣା ନୂଆ ନୁହେଁ। ୨୦୧୦ରେ ଗଞ୍ଜାମ ପୋଲିସ ଖଲ୍ଲିକୋଟ ଥାନାଞ୍ଚଳରୁ ଏକ ବନ୍ଧୁକ କାରଖାନା ଠାବ କରିଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଥିଲା। ବିହାରର କେତେଜଣ ଅପରାଧୀଙ୍କ ସହ ସେମାନଙ୍କ ସମ୍ପର୍କ ଥିବା ସୁରାକ ମିଳିଥିଲା। ବନ୍ଧୁକ ତିଆରି ପାଇଁ ସରଞ୍ଜାମ ବିହାରରୁ ଆସୁଥିବା ଜଣାପଡିଥିଲା। ସେହିପରି କୋଦଳା ଥାନା ଅନ୍ତର୍ଗତ ନୂଆଗଡ ଅଞ୍ଚଳରୁ ପୋଲିସ ୨ଜଣଙ୍କୁ ଗିରଫ କରିଥିଲା। ୨୦୧୩ରେ ସଦର ଥାନା ପୋଲିସ ମହୁରିକାଳୁଆ ଅଞ୍ଚଳରୁ ଦୁଇ ଅପରାଧୀଙ୍କୁ ଗିରଫ କରି ସେମାନଙ୍କଠାରୁ ବନ୍ଧୁକ ଜବତ କରିଥିଲା। ବିଶେଷକରି ନିର୍ବାଚନ ସମୟରେ ଗଞ୍ଜାମରେ ବାହାର ରାଜ୍ୟରେ ରହୁଥିବା କେତେଜଣ ପେଶାଦାର ଅପରାଧୀଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ସୁପାରି କିଲିଂଠାରୁ ଆରମ୍ଭ କରି ବିଭିନ୍ନ ସଂଗୀନ ଅପରାଧିକ ଘଟଣାରେ ସେମାନେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ବ୍ୟବହାର କରୁଛନ୍ତି। ଆଗକୁ ନିର୍ବାଚନ ଥିବାରୁ କୌଣସି ଅପରାଧିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ଏସ୍‌ପି କହିଛନ୍ତି।

| ମସିହା | ବନ୍ଧୁକ | ଗୁଳି | ଖଣ୍ଡା | ମାଗାଜିନ |
|---|---|---|---|---|
| ୨୦୧୮ | ୧୫ | ୨୨ | ୩୪ | |
| ୨୦୧୯ | ୧୭ | ୩୫ | ୩୧ | ୪ |
| ୨୦୨୦ | ୩ | ୮ | ୨୬ | ୨ |
| ୨୦୨୧ | ୧୦ | ୩୨ | ୩୮ | ୧ |
| ୨୦୨୨ | ୮ | ୯ | ୨୮ | ୧୪ |
| ୨୦୨୩ | ୩ | ୨୭ | ୧୬ | |

## ବ୍ରହ୍ମପୁରରେ ଟର୍କି କୁକୁଡ଼ା ଚିଆଁ



କୁକୁଡା ଚିଆଁ ବିକ୍ରି କରାଯାଉଛି।

ବ୍ରହ୍ମପୁର,୨୭।୩(ତନୁଶ୍ରୀ ନାହାକ)

ବ୍ରହ୍ମପୁର ସହରକୁ ଟର୍କି କୁକୁଡ଼ା ଚିଆଁ ବିକ୍ରି ପାଇଁ ଆସିଛି । ପ୍ରଥମଥର ପାଇଁ ଏହି ପ୍ରଜାତିର କୁକୁଡ଼ା ଚିଆଁ ବିକ୍ରି ହେଉଥିବାରୁ ଗ୍ରାହକ ତଥା ଦେଖଣାହାରୀଙ୍କ ଭିଡ଼ ହୋଇଥିଲା। ଏହି ପ୍ରଜାତିର କୁକୁଡା ସାଧାରଣ କୁକୁଡ଼ା ଅପେକ୍ଷା ଆକାର ଓ ଓଜନରେ ଅଧିକ। କୋଲକତାର ଜୟପୁର ଅଞ୍ଚଳରୁ ଆସିଥିବା ସୁବିତ ମଳିକ ଓ ନିଜାମ ମଳିକ ଦୁଇଭାଇ ସହରର ପୃଥକ ଦୁଇଟି ସ୍ଥାନରେ ଏହି କୁକୁଡ଼ା ଚିଆଁ ବିକ୍ରି କରୁଥିବା ଦେଖିବାକୁ ଦେଖାଯାଇଥିଲା। ସେମାନେ ଚିଆଁ ଗୋଟିକୁ ୭୦ ଟଙ୍କାରେ ବିକ୍ରି କରୁଥିବା ବେଳେ ୩ଟିକୁ ୨୦୦ ଟଙ୍କାରେ ଦେଉଥିଲେ। ଏହି କୁକୁଡ଼ା ୩ ଫୁଟ ଓସାରରେ ଓ ୧ ଫୁଟ ଲମ୍ବାରେ ୧୦ରୁ ୧୨ କେଜି ପର୍ଯ୍ୟନ୍ତ ବଢ଼ିପାରନ୍ତି। ଏହି କୁକୁଡ଼ା ନିଜ ଜୀବନ କାଳ ମଧ୍ୟରେ ପ୍ରାୟ ୪୦ ଅଣ୍ଡା ଦେଇଥାନ୍ତି। ତୁର୍କମେନିସ୍ଥାନରେ ଏହି ପ୍ରଜାତିର କୁକୁଡ଼ା ଦେଖାଯାଉଥିବାରୁ ଏହାକୁ ଟର୍କି କୁକୁଡ଼ା ବୋଲି କୁହାଯାଉଛି। ଭାରତୀୟ କୁକୁଡ଼ା ଅପେକ୍ଷା ଏହାର ମାଂସ ଚାହିଦା ମଧ୍ୟ ଅଧିକା। ବଜାରରେ ଏହି ପ୍ରଜାତି କୁକୁଡ଼ା ମାଂସ କେଜି ୭୦୦ ଟଙ୍କାରେ ବିକ୍ରି ହେଉଛି ବୋଲି ବ୍ୟବସାୟୀ ସୁବିତ ଦାବି କରିଛନ୍ତି। ବ୍ରହ୍ମପୁରରେ ୨ ଭାଇ ଭଲ ବ୍ୟବସାୟ କରିଛନ୍ତି। ପ୍ରାୟ ୨ ବର୍ଷ ହେବ କୋଲକାତାର ବିଭିନ୍ନ ଅଞ୍ଚଳରେ ଏହି ପ୍ରଜାତିର କୁକୁଡ଼ା ଚାଷ ଆରମ୍ଭ ହୋଇଥିବା ସୁବିତ୍ କହିଛନ୍ତି।

# ସବୁଜ ବାହିନୀ ପାଳିଲା ନିଆରା ହୋଲି



ହୋଲି ପାଳନ ବେଳେ ସବୁଜ ବାହିନୀର ସଦସ୍ୟମାନେ।

ବ୍ରହ୍ମପୁର,୨୭।୩(ଅଶୋକ କୁମାର ସାହୁ):

ସବୁଜ ବାହିନୀ ପକ୍ଷରୁ ବ୍ରହ୍ମପୁରରେ ନିଆରା ଭାବେ ବୃକ୍ଷ ସହ ହୋଲି ପାଳନ କରାଯାଇଛି । ନିମପତ୍ର, ହଳଦୀ, ଗୋବର ଏବଂ ଧଳାଚୂର୍ଣ୍ଣର ମିଶ୍ରଣରେ ପ୍ରସ୍ତୁତ ପ୍ରାକୃତିକ ହୋଲି ବୃକ୍ଷକୁ ଲେପନ କରାଯାଇଥିଲା। କାରଣ ଗଛ ମୂଳରେ ଉଇ ଏବଂ ବିଭିନ୍ନ ପୋକ ଲାଗିରହୁଥିବାରୁ ଗଛ ନଷ୍ଟ ହୋଇଯାଉଛି। ତେଣୁ ଏଭଳି ପଦକ୍ଷେପ ନିଆଯାଇଥିଲା। ବିଭିନ୍ନ ପର୍ବପର୍ବାଣୀରେ ଲୋକମାନଙ୍କୁ ପରିବେଶ ସହିତ ଜଡିତ କରିବା ପାଇଁ ସବୁଜ ବାହିନୀ ଏହି କାର୍ଯ୍ୟ କରି ଆସୁଛି। ମାତୃ ଦିବସରେ ବୃକ୍ଷକୁ ମା' ଭାବେ ପୂଜା କରିବା,ରକ୍ଷା ବନ୍ଧନରେ ଗଛକୁ ରାକ୍ଷୀ ବାନ୍ଧିବା, ବନ୍ଧୁତା ଦିବସରେ ଗଛ ସହ ବନ୍ଧୁତା ରଖିବା, ପରିବେଶ ଦିବସରେ ଚାରାରୋପଣ କରି ପରିବେଶକୁ ସନ୍ତୁଳିତ କରିବା ଆଦି କାର୍ଯ୍ୟ କରାଯାଉଛି ବୋଲି ସଂଗଠନ ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ପାଦକ ଏ ପ୍ରକାଶ,ସହ ସମ୍ପାଦକ ପି. ବିନୋଦ, କୋଷାଧ୍ୟକ୍ଷ ଗଣେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୁହାଣରେ ବୁଡି ଛାତ୍ରଙ୍କ ମୃତ୍ୟୁ

ଗୋପାଳପୁର,୨୭।୩(ନବୀନ ରାଜ ଆଚାରୀ)

ହରିପୁର ମୁହାଣରେ ବୁଡି ରଙ୍ଗେଇଲୁଣ୍ଡା ବ୍ଲକ ନୂଆ ଗୋଳାବନ୍ଧ ଗ୍ରାମର ୟୁ. ଧନୁଶ (୧୩) ନାମକ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଧନୁଷ ହରିପୁର ଗ୍ରାମରେ ଅଜା ଘରେ ରହି ପାଠ ପଢୁଥିଲେ। ମଙ୍ଗଳବାର ସକାଳେ କେତେଜଣ ସାଙ୍ଗଙ୍କ ସହ ହରିପୁର ମୁହାଣକୁ ଗାଧୋଇ ଯାଇଥିଲେ। ଧନୁଶଙ୍କ ସମେତ ୩ ଜଣ ଗଭୀର ପାଣିକୁ ଚାଲି ଯାଇଥିଲେ। ସ୍ଥାନୀୟ ଲୋକ ୨ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଧନୁଶଙ୍କୁ ଉଦ୍ଧାର କରିପାରି ନ ଥିଲେ। ଖବରପାଇ କନିଷ୍ଠ ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ସେଠାରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ଓ ଓଡିଆରଏଫ ଟିମ ଖୋଜା ଖୋଜି କରିଥିଲେ ବି ଟେର ପାଇନଥିଲେ। ବୁଧବାର ପୁଣି ଖୋଜା ଖୋଜିବାରେ ଧନୁଶଙ୍କ ମୃତଦେହ ମିଳିଥିଲା। ଚମାଖଣ୍ଡି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ନଂ. ୪/୨୪ରେ ଏକ ମାମଲା ରୁଜୁ ହୋଇଛି।

## ମୋବାଇଲ ଫୋନ ଲୁଟେରାଙ୍କୁ ୫ମାସ ଜେଲ

ବ୍ରହ୍ମପୁର,୨୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏ.ଗୀତାଞ୍ଜଳି ନାଇଡୁ ବୁଧବାର ମୋବାଇଲ ଫୋନ ଲୁଟ ମାମଲାରେ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଅଞ୍ଚଳର ବି. ସୁରିଙ୍କୁ ୫ ମାସ ଜେଲଦଣ୍ଡ ସହ ୫୦୦ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୫ଦିନ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୯ ଡିସେମ୍ବର ୧ରେ ପଶ୍ଚିମବଙ୍ଗର ବି.ଆର .କୋରଲାଲ ଟ୍ରେନରେ ଯାତ୍ରା କରୁଥିବା ବେଳେ ବ୍ରହ୍ମପୁର ରେଳଷ୍ଟେଶନରେ ତାଙ୍କ ମୋବାଇଲ ଫୋନ୍‌କୁ ଜଣେ ଲୁଟେରା ଝାମ୍ପି ନେଇଯାଇଥିଲେ। ସେ ଏନେଇ ସରକାରୀ ରେଳବାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୭/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ସୁରିଙ୍କୁ ଗିରଫ କରିଥିଲା। କିଛିଦିନ ପରେ ତାଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ୫ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏପିପି ସୁରେନ୍ଦ୍ରନାଥ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ଗାଁ ମୁଖିଆଙ୍କୁ ଆକ୍ରମଣ: ୨ କୋର୍ଟ ଚାଲାଣ

ଗୋପାଳପୁର,୨୭।୩(ନବୀନ ରାଜ ଆଚାରୀ):



ଗିରଫ ୨ ଅଭିଯୁକ୍ତ।

ଗତ ୧୦ ତାରିଖରେ ଗୋଳନ୍ଥରା ଅଞ୍ଚଳରେ ଗାଁ ମୁଖିଆଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ ବୁଧବାର ପାନପୁଲ୍ଲୀ ଗ୍ରାମର ପି. ନୀଳାମ୍ବର ରେଡି ଓ ରମ୍ଭା ଥାନା କାର୍ତ୍ତିକଡି ଗ୍ରାମର ଆର ବିନୋଦ ରେଡିଙ୍କୁ କୋର୍ଟଚାଲାଣ କରିଛି। ପାନାପୁଲ୍ଲୀ ଗାଁ ମୁଖିଆ ଟି. ଜୟ ଜଗନ୍ନାଥ ରେଡି ଗତ ୧୦ ତାରିଖ ସକାଳେ ବାଇକ୍‌ରେ ତୁଲୁରୁ ଗ୍ରାମକୁ ଫେରୁଥିବା ବେଳେ ନୀଳାମ୍ବର ତାଙ୍କ ଭିଣୋଇ ମିଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଓ ପରିବାରବର୍ଗ ଜୟଙ୍କୁ ଉଦ୍ଧାର କରି ପ୍ରଥମେ କେଲୁଆପୁଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଏ ନେଇ ଗୋଳନ୍ଥରା ଥାନାରେ ଅଭିଯୋଗକ୍ରମେ ପୋଲିସ ନଂ.୧୦୩/୨୪ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିଲା। ନୀଳାମ୍ବର ଓ ବିନୋଦ ଆନ୍ଧ୍ରର ବିଶାଖାପାଟଣାରେ ଥିବା ବେଳେ ଗୋଳନ୍ଥରା ଥାନା ପୋଲିସ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ପୂର୍ବରୁ ନୀଳାମ୍ବରଙ୍କ ନାଁରେ ୨୦୨୦ରେ ଗୋଳନ୍ଥରା ଥାନାରେ ଗୋଟିଏ ମାମଲା ଥିବା ବେଳେ ବିନୋଦଙ୍କ ନାଁରେ ରମ୍ଭା ଥାନାରେ ଗୋଟିଏ ମାମଲା ରହିଛି।

# ଟିପିଏସ୍‌ଓଡିଏଲ୍‌ର ଅତ୍ୟାଧୁନିକ ଲ୍ୟାବ୍ ଉଦ୍‌ଘାଟିତ

ବ୍ରହ୍ମପୁର,୨୭ ।୩(ସ୍ମୃତି ରଞ୍ଜନ ମହାଲିକ)



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟମାନେ।

ଟିପିଏସଓଡିଏଲ ପକ୍ଷରୁ ବ୍ରହ୍ମପୁର ନିକଟ ଆମ୍ବଗଡ଼ଠାରେ ଅତ୍ୟାଧୁନିକ ଟେକ୍ନୋଲୋଜି ଲ୍ୟାବ ଉଦଘାଟିତ ହୋଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ, ଟିପିଡବ୍ଲୁଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେ ଓ ଟିପିଏସଓଡିଏଲର ମୁଖ୍ୟ ଟେକ୍ନୋଲୋଜିଷ୍ଟ ବିମାନ କୁମାର ଘୋଷ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଟେକ୍ନୋଲୋଜି ଅଂଶୀଦାରମାନଙ୍କୁ ଉନ୍ନତ ସେବା ଯୋଗାଇବା ସହ କମ୍ପାନୀର ଅପରେଶନାଲ ସାମର୍ଥ୍ୟକୁ ବଢାଇବାରେ ସହାୟକ ହେବ । ସୁଦୃଢ ଶକ୍ତି ଶିଳ୍ପ ଗଠନରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ଗବେଷଣା ଓ ପରୀକ୍ଷଣ ସକାଶେ ଏହି ଲ୍ୟାବ କାର୍ଯ୍ୟ କରିବ। ପାରସ୍ପରିକ ସହଯୋଗିତାକୁ ପ୍ରୋତ୍ସାହନ ଦେବା ସହ ବୈଷୟିକ ଉଦ୍ଭାବନ କ୍ଷେତ୍ରରେ ଟିପିଏସଓଡିଏଲକୁ ଆଗକୁ ବଢ଼ିବାରେ ଏହା ସାହାଯ୍ୟ କରିବ ବୋଲି ଗର୍ଗ କହିଛନ୍ତି।

